# ପିଲାଙ୍କ ଧରିତ୍ରୀ

ଶନିବାର , ୯ ସେପ୍ଟେମ୍ବର, ୨୦୨୩



୬
କବିତା

୮
ଆଇନା

## ଗପ



# ଏକତା ହିଁ ବଳ

ଅଁଳାପୋଷି ଗାଆଁକୁ ଲାଗି ରହିଥିବା ଜଙ୍ଗଲଟି ସବୁଜିମାରେ ଭରପୂର। ବିଭିନ୍ନ ଜାତିର ବୃକ୍ଷଲତା ସହ ଅନେକ ଜାତିର ପଶୁପକ୍ଷୀ ମଧ୍ୟ ବାସ କରନ୍ତି ସେହି ଜଙ୍ଗଲରେ। ସେଇ ଗାଁ ମୁଣ୍ଡରେ ଥିବା ଖପରା ଘରଟିର ଗୋଟାଏ କଣରେ ଘରଚଟିଆଟିଏ ବସା ବାନ୍ଧିଥାଏ। ତା ନାଆଁ ଥିଲା ରୁବି।

ରୁବି ଗାଆଁ ଭିତରେ ସିନା ବସା ବାନ୍ଧିଥିଲା କିନ୍ତୁ ଅଧିକାଂଶ ସମୟ ଜଙ୍ଗଲ ଆଡ଼କୁ ଯାଏ। ସେଇଠି ଅନେକ ଜାତିର ଚଢ଼େଇଙ୍କ ସହ ସେ ବନ୍ଧୁତା କରିଥିଲା। ସମସ୍ତେ ମିଶି ଏକାସାଙ୍ଗରେ ଖାଦ୍ୟ ଅନ୍ୱେଷଣରେ ଯାଆନ୍ତି, ତା' ପରେ ବିଲ ପାଖରେ ଥିବା ପୋଖରୀରୁ ପାଣି ପିଇ ନିଜ ନିଜ ବସାକୁ ଚାଲିଯାଆନ୍ତି।

ଦିନେ ପାହାନ୍ତିଆ ବେଳକୁ ଗାଆଁ ଭିତରୁ ବାହାରି ଉଡି ଉଡ଼ି ଜଙ୍ଗଲ ଆଡ଼କୁ ଯାଉଥାଏ ରୁବି। ଜଙ୍ଗଲରେ ପହଞ୍ଚି ଦେଖିଲା ସବୁ ଜୀବଜନ୍ତୁଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ରୁବି ତଳକୁ ଓହ୍ଲାଇ ଆସି ଜାଣିବାକୁ ପାଇଲା ଯେ ଜଙ୍ଗଲର ଅପର ପ୍ରାନ୍ତରେ ଥିବା ବିଲଗୁଡ଼ିକରେ ନିଆଁ ଲଗା ହୋଇଛି। କିଛି କ୍ଷଣ ମଧ୍ୟରେ ସେହି ନିଆଁ ଜଙ୍ଗଲରେ ପ୍ରବେଶ କରିବ। ଆଉ ଜଙ୍ଗଲ ସାରା ନିଆଁ ଘେରରେ ଆସିଯିବ ଏବଂ ସମସ୍ତଙ୍କ ବସା ଉଜୁଡ଼ି ଯିବ। ଜଙ୍ଗଲର ସବୁ ପ୍ରାଣୀ ଦୁଃଖିତ ଥିଲେ ଆଉ କ'ଣ କରିବେ ଜାଣିପାରୁ ନ ଥିଲେ। ସମସ୍ତଙ୍କ ଦୁଃଖ ଶୁଣି ରୁବି ଘରଚଟିଆ ମଧ୍ୟ ଚିନ୍ତିତ ହୋଇପଡ଼ିଲା।

ତା' ପରେ ସେ ହଠାତ୍ ପୋଖରୀ ପାଖକୁ ଉଡ଼ିଯାଇ ବୁଡ଼ ପକାଇ ନିଆଁ ଉପରେ ଝାଡ଼ି ହୋଇ ଦେହର ପାଣିକୁ ପକାଇଲା। ସେ ବାରମ୍ବାର ଏହି ପ୍ରକ୍ରିୟାକୁ କଲା, କିନ୍ତୁ ନିଆଁ ଲିଭିବାର ନାଆଁ ନେଇ ନ ଥିଲା। ତାକୁ ଅନୁସରଣ କରି ଅନ୍ୟ ଚଢ଼େଇ ମଧ୍ୟ ଶହ ଶହ ସଂଖ୍ୟାରେ ପୋଖରୀ ପାଣିରେ ବୁଡ଼ ମାରି ନିଆଁ ଲାଗିଥିବା ଜାଗାରେ ପାଣି ଛାଟିଲେ। ମୂଷା ଦଳ ଛୋଟ ଛୋଟ ପଥର ଆଣି ନିଆଁକୁ ଆଗକୁ ବଢ଼ିବାକୁ ନ ଦେବାପାଇଁ ପାଚେରି ସୃଷ୍ଟି କଲେ। ଗୁଣ୍ଟୁଚି ଲକ୍ଷ୍ୟକଲା ଶୁଖିଲା ପତ୍ରଗୁଡ଼ିକ ଯୋଗୁ ନିଆଁ ଦ୍ରୁତ ଗତିରେ ଜଙ୍ଗଲ ଆଡ଼କୁ ମୁହାଁଉଛି। ସେ ତା' ସାଥୀ ଗୁଣ୍ଟୁଚିଙ୍କୁ ନେଇ ପତ୍ରଗୁଡ଼ିକୁ ଅଲଗା କଲା। ମାଙ୍କଡ ଦି' ହାତରେ ମୁଠା ମୁଠା ମାଟି ଓ ବାଲି ନେଇ ନିଆଁ ଉପରେ ପକାଇଲା। ଅନ୍ୟ ବଡ଼ ପ୍ରାଣୀ ମଧ୍ୟ ନିଜ ନିଜ ଦକ୍ଷତା ଅନୁଯାୟୀ ନିଆଁକୁ ଲିଭାଇବାର ପ୍ରଚେଷ୍ଟା କଲେ।

ସବୁ ପ୍ରାଣୀଙ୍କ ମିଳିତ ଉଦ୍ୟମରେ ନିଆଁର ବେଗ ମନ୍ଥର ହେବାକୁ ଲାଗିଲା ଓ ଶେଷରେ ନିଆଁ ଲିଭିଗଲା। ଛୋଟ ବଡ଼ ସବୁ ପ୍ରାଣୀଙ୍କୁ ଯଦିଓ ଦୀର୍ଘ ସମୟ ଯାଏ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା ହେଲେ ନିଆଁ ଲିଭିବା ପରେ ସମସ୍ତେ ଖୁସି ହୋଇଗଲେ। ଏହାପରେ ସମସ୍ତେ ରୁବିକୁ ପ୍ରଶଂସା କରି କହିଲେ, ଭଉଣୀ ତମ ପାଇଁ ଏତେ ବଡ଼ ବିପତ୍ତି ଟଳିଗଲା। ତମେ ହିଁ ଆମ ସମସ୍ତଙ୍କୁ ସାହସ ଦେଖାଇ ପ୍ରୋତ୍ସାହିତ କଲ। ତମେ ନ ଥିଲେ ଆମ ଭିତରେ ଏ ସାହସ ଓ ପ୍ରୋତ୍ସାହନ କିଏ ଆଣିଥାନ୍ତା !

ରୁବି ବିନମ୍ରତାର ସହ କହିଲା, ପ୍ରକୃତ କଥା ହେଉଛି ସମସ୍ତେ ମିଳିମିଶି କୌଣସି କାମ କଲେ ସେଥିରେ ସଫଳତା ନିଶ୍ଚୟ ମିଳେ। ଏହା ପରଠାରୁ କୌଣସି କାର୍ଯ୍ୟକୁ ଅସମ୍ଭବ ନ ଭାବି ନିରାଶ ନ ହୋଇ ପ୍ରାଣୀମାନେ ସାହସର ସହ ସମ୍ମୁଖୀନ କଲେ। ଆଉ ସେଦିନଠୁ ଅଁଳାପୋଷିର ସେଇ ଜଙ୍ଗଲର କେହି କିଛି କ୍ଷତି କରିପାରିଲେନି।

**– ସ୍ନିଗ୍ଧା ନାୟକ**
ତାଳଚେର, ମୋ: ୯୫୭୧୦୩୩୨୭୯

## ଖିଲି ଖିଲି ହସ

(ରାଜୁ ଓ ବିଜୁ ମଧ୍ୟରେ କଥାବାର୍ତ୍ତା)
ରାଜୁ: ବୁଝିଲୁବିଜୁ,ଆଜିମୁଁପାଣିକୁଓଲାବନାଇଦେଲି।
ବିଜୁ– କେମିତି ?
ରାଜୁ: ତାକୁ ଗରମ କଲି ଗାଧୋଇବି ବୋଲି ହେଲେ ଗାଧୋଇଲି ନାହିଁ।
ବିଜୁ: ମୁଁ ତ ଆଜି ଆମ ଘର ଲୋକଙ୍କୁ ବୋକା ବନାଇଦେଲି।
ରାଜୁ: କିପରି ?
ବିଜୁ: ବାଥରୁମ୍‌କୁ ଗଲି ଗାଧୋଇବା ଲାଗି ହେଲେ ନ ଗାଧୋଇ ଡ୍ରେସ ଚେଞ୍ଜ କରି ବାହାରି ଆସିଲି।

(ଶିକ୍ଷକ–ଛାତ୍ର ମଧ୍ୟରେ କଥାବାର୍ତ୍ତା)
ଶିକ୍ଷକ– ଆଚ୍ଛା ! ପିଲାମାନେ କହିଲ, ଭାରତରୁ ପ୍ରଥମେ ବିଦେଶ ଯାଇଥିବା ମହିଳା କିଏ ?
ଚନ୍ଦୁ– ସାର୍, ମୁଁ କହିବି।
ଶିକ୍ଷକ– କୁହ।
ଚନ୍ଦୁ– ସୀତା।
ସାର୍– କେମିତି ?
ଚନ୍ଦୁ– କାରଣ ସେ ପ୍ରଥମେ ଶ୍ରୀଲଙ୍କା ଯାଇଥିଲେ।

ଡାକ୍ତର: ଆରେ ବଣ୍ଟି କ'ଣ ହେଲା ?
ବଣ୍ଟି–ଆଜ୍ଞା, ମୋତେ କୁକୁର କାମୁଡିଦେଲା।
ଡାକ୍ତର: ବାହାରେ ବୋର୍ଡରେ ଲେଖା ହୋଇଛି, ରୋଗୀ ଦେଖିବାର ସମୟ କେବଳ ସକାଳ ୮–୧୦ ପର୍ଯ୍ୟନ୍ତ। ହେଲେ ତୁମେ ଆସିଛ ୧ଟା ବେଳେ।
ବଣ୍ଟି: ସାର୍, ମୁଁ ବୋର୍ଡ ପଢ଼ିଛି, ଜାଣିଛି ହେଲେ ସେ କୁକୁରଟା ପଢ଼ାଜାଣିନି ?

## ମତାମତ

➲ ଗୁରୁଙ୍କ ବିନା ମୁକ୍ତି ନାହିଁ ଏବଂ ଗୁରୁଭକ୍ତ ଉପମନ୍ୟୁ ଦୁଇଟି ଗଳ୍ପ ପିଲାଙ୍କ ଲାଗି ଶିକ୍ଷଣୀୟ ହୋଇଛି।
**– ସୋମେଶ ନାୟକ, ଚାନ୍ଦବାଲି, ଭଦ୍ରକ**

➲ ଆଇନାରେ ପ୍ରକାଶିତ ଫଟୋ ସୁନ୍ଦର ହେଉଛି।
**– ଦିନେଶ ମହାନ୍ତି, ଅନୁଗୋଳ**

➲ ଗୁରୁଦିବସ ଉପରେ ପ୍ରକାଶିତ ସମସ୍ତ କବିତା ପଢ଼ିବାକୁ ଭଲ ଲାଗିଲା।
**– ରାହୁଲ ପରିଡ଼ା, ନୟାଗଡ଼**

➲ ଜଣା ଅଜଣାରେ ଅମରକଣ୍ଟକ ସମ୍ବନ୍ଧରେ କେତେକ ନୂଆ କଥା ଜାଣିବାକୁ ମିଳିଲା।
**– ବିଜେଶ ମଲ୍ଲିକ୍, ସୋମପୁର, କଟକ**

➲ ବୌଦ୍ଧିକ ବିକାଶ ପଢ଼ି ବୁଦ୍ଧି ବଢ଼ାଇବାର ଉପାୟ ଜାଣିବାକୁ ପାଇଲି।
**–ଦେବାଶିଷ କର,ଆଙ୍କପଦା,ଭଦ୍ରକ**

➲ ଗିନିଜ୍‌ୱାର୍ଲ୍ଡ ରେକର୍ଡରେ ବିଭିନ୍ନ ବିଷୟରେ ସୂଚନା ମିଳିପାରୁଛି।
**–ସୁହାନୀ ରାଉତ,ବ୍ରହ୍ମପୁର**

➲ ତୁମତୂଳୀରେ ପ୍ରକାଶିତ ଚିତ୍ରଗୁଡିକ ବହୁତ ସୁନ୍ଦର ହେଉଛି।
**–ମନ୍ଦାକିନୀ ଦାସ, ରାଉରକେଲା**

➲କହିଲଦେଖି' ପଢ଼ିବାକୁ ଭଲ ଲାଗୁଛି।
**–ଦୀପକରଞ୍ଜନ ସାହୁ,,କେନ୍ଦ୍ରାପଡା**

## ଶିଶୁ ପ୍ରତିଭା

# ଜୁନିଅର ମଡେଲ୍ ଦିବ୍ୟାଂଶା



ପାଠ ପଢାରେ ସେ ଯେତିକି ଭଲ ନୃତ୍ୟ ଏବଂ ଅଭିନୟ କରିବାରେ ବି ସେ ସେତିକି ପାରଙ୍ଗମ। କେବଳ ଏତିକି ନୁହେଁ ମଡେଲିଂ ପ୍ରତି ମଧ୍ୟ ତାଙ୍କର ରହିଛି ବିଶେଷ ରୁଚି। ଯେଉଁଥିପାଇଁ ଅଳ୍ପ ବୟସରୁ ଓଡିଆ ଫ୍ୟାଶନ୍ ଇଣ୍ଡଷ୍ଟ୍ରୀରେ ଜଣେ ଜୁନିଅର ମଡେଲ୍ ଭାବେ ନିଜ ପରିଚୟ ସୃଷ୍ଟି କରିପାରିଛନ୍ତି ଭୁବନେଶ୍ୱରରେ ରହୁଥିବା ଆଦ୍ୟାଶା ଏବଂ ସୌମ୍ୟରଞ୍ଜନ ପଣ୍ଡାଙ୍କ ଝିଅ ଦିବ୍ୟାଂଶା। ବର୍ତ୍ତମାନ ସେ ଭୁବନେଶ୍ୱରସ୍ଥିତ କେନ୍ଦ୍ରିୟ ବିଦ୍ୟାଳୟ–୧ର ଷ୍ଟାଣ୍ଡାର୍ଡ–୬ର ଛାତ୍ରୀ। ଖୁବ୍ ଛୋଟବେଳୁ ସେ ନାଚିବାକୁ ଭଲ ପାଆନ୍ତି। ଆଉ ସ୍କୁଲ୍ ସ୍ତରରୁ ଆରମ୍ଭ କରି ରାଜ୍ୟ ଏବଂ ଜାତୀୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ମଧ୍ୟ ହୋଇ ସାରିଛନ୍ତି। ଏହା ବ୍ୟତୀତ ସେ ତିନୋଟି ଓଡିଆ ଚଳଚ୍ଚିତ୍ରରେ ଏବଂ ଅନେକ ମ୍ୟୁଜିକ୍ ଆଲବମ୍‌ରେ ଶିଶୁ କଳାକାରଭାବେ ନିଜ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କ ଭଲପାଇବା ସାଉଁଟିଛନ୍ତି। ତେବେ ମଡେଲିଂ ପ୍ରତି ବିଶେଷ ରୁଚି ରହିଥିବାରୁ ସେ ଦୁଇ ବର୍ଷ ହେବ ଏଥିପ୍ରତି ଅଧିକ ସମୟ ଦେଉଛନ୍ତି। ସେ ଯେବେ ଷ୍ଟେଜ୍‌ରେ ରାମ୍ପ ୱାକ୍ କରନ୍ତି ବଡ ବଡ ମଡେଲ୍ ବି ପ୍ରଶଂସା ନ କରି ରହିପାରନ୍ତି ନାହିଁ। ତାଙ୍କ ଡ୍ରେସ୍‌ଅପ୍ ସେନ୍ସ ଏବଂ ଷ୍ଟାଇଲିଶ୍ ଅନ୍ଦାଜ୍ ସଭିଙ୍କ ମନକୁ ଛୁଇଁଯାଏ। ବର୍ତ୍ତମାନ ସୁଦ୍ଧା ସେ ଅନେକ ମଡେଲିଂ ଶୋ'ରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ସେଥି ମଧ୍ୟରୁ ମୁଖ୍ୟତଃ ମିସ୍ ଉତ୍କଳ ଜୁନିୟର, ମିସ୍ କଳିଙ୍ଗ ଜୁନିୟର, ଅବିକା କ୍ୟାଲେଣ୍ଡର ଫେସ୍ ଅଫ୍ ଦି ଇୟର, ମିସ୍ ରାଜଧାନୀ ଜୁନିୟର. ମିସ୍ ଡିଭା ଜୁନିୟର, ଟ୍ୟାଲେଣ୍ଟ ଅଫ୍ ଓଡିଶା ସିଜନ୍–୩ର ବିଜୟିନୀ ହେବା ସହ କିଡ୍ସ ଇଣ୍ଡିଆ ଏବଂ କ୍ୱିନ୍ ଅଫ୍ ଇଣ୍ଡିଆ ଭଳି ନ୍ୟାଶନାଲ୍ ଶୋ'ରେ ମଧ୍ୟ ଟାଇଟଲ୍ ଜିତିଛନ୍ତି। ସେ ତିନି ଥର ଇଣ୍ଟରନାଶନାଲ୍ ରେଡିଓ ଫେୟାର୍‌ରେ ଆୟୋଜିତ ଫ୍ୟାଶନ୍ ଶୋ'ରେ ଭାଗ ନେଇ ୱିନର୍ ଟାଇଟଲ୍ ହାସଲ କରିଛନ୍ତି। ନିକଟରେ ଭୁବନେଶ୍ୱରରେ ଆୟୋଜିତ ଲିଟିଲ୍ ମିସ୍ କଳିଙ୍ଗ ଫ୍ୟାଶନିଷ୍ଟାରେ ମଧ୍ୟ ସେ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ବିଜୟ ମୁକୁଟ ପିନ୍ଧିବାର ସୌଭାଗ୍ୟ ଅର୍ଜନ କରିଥିଲେ। ତେବେ ଭବିଷ୍ୟତରେ ଜଣେ ସଫଳ ମଡେଲ୍ ହୋଇ ଓଡିଶାର ନାମକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି ଦିବ୍ୟାଂଶା।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଉତ୍ତମ ପିଲା ହେବାକୁ ...

**ପାଠପଢ଼ା ହେଉ ଅବା ବ୍ୟକ୍ତିଗତ ଜୀବନରେ ପିଲାମାନଙ୍କୁ ଅନେକ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ନିଜକୁ ଜଣେ ଭଲ ମଣିଷ ଭାବରେ ପରିଚିତ କରାଇବା ଲାଗି କେତୋଟି କଥା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଜାଣନ୍ତୁ ଏ ସମ୍ପର୍କିତ କେତୋଟି ଟିପ୍ସ ଯାହାକୁ ଆପଣାଇ ପାରିବେ...**





ଅନେକ ସମୟରେ ପିଲାମାନେ ନିଜ ନିଜ ଆଚାର ବ୍ୟବହାର, କଥାବାର୍ତ୍ତା ଶୈଳୀ ପ୍ରତି ସଚେତନ ରହି ନ ଥାନ୍ତି। ସାଙ୍ଗସାଥୀଙ୍କ ସହ ମିଶି ମଜା କରିବା ସମୟରେ କେତେକ ନିଜର କଥାବାର୍ତ୍ତାକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଫଳରେ ସାମାନ୍ୟ କଥାରୁ ପରିସ୍ଥିତି ଜଟିଳ ହୋଇଥାଏ। ତେଣୁ ଏଭଳି ବିଷୟ ପ୍ରତି ସେମାନେ ସତର୍କ ରହିବା ଆବଶ୍ୟକ। ଏ ନେଇ କେବଳ ଯୋଜନା କଲେ ହେବ ନାହିଁ, ତାହାକୁ ଠିକ୍ ଭାବରେ ଉପଯୋଗ କରିବା ଦରକାର। ତେବେ ଅନ୍ୟମାନଙ୍କ ନିକଟରେ ତୁମେମାନେ ପ୍ରଶଂସାଭାଜନ ହୋଇପାରିବ।

## କଥାବାର୍ତ୍ତାରେ ଶାଳୀନତା

କେତେକ ପିଲା ଅନ୍ୟମାନଙ୍କ ସହ କଥା ହେବା ବେଳେ ନିଜର କଥାବାର୍ତ୍ତା ଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ। ମଜାରେ ମଜାରେ ସେମାନେ ଶାଳୀନତା ସୀମା ଟପିଯାଇଥାଆନ୍ତି। ଘରେ ମଧ୍ୟ ସେମାନେ ଏଭଳି କଥାବାର୍ତ୍ତା କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ। ସମୟକ୍ରମେ ଏହା ସେମାନଙ୍କର ଅଭ୍ୟାସରେ ପଡ଼ିଥାଏ। କଥାବାର୍ତ୍ତା ଯଦି ରୁକ୍ଷ ହୁଏ ତେବେ ତାହା ସେମାନଙ୍କର ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ। ସେମାନଙ୍କ ସହ ଭଲ ପିଲା ସାଙ୍ଗ ହେବାକୁ ମନା କରି ଦିଅନ୍ତି। ତେଣୁ ପିଲାମାନେ ଏଭଳି ବିଷୟ ପ୍ରତି ନଜର ଦେବା ଆବଶ୍ୟକ। ଭଲ ପିଲାମାନେ କିପରି କଥା ହେଉଛନ୍ତି, ସେମାନଙ୍କର ବ୍ୟବହାର କିପରି ରହୁଛି ତାହା ଲକ୍ଷ୍ୟ କରିବା ସହ ଶିଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ନିଜକୁ ଅନେକାଂଶରେ ମାର୍ଜିତ କରିପାରିବେ।

## ସାଙ୍ଗସାଥୀ

ସାଧାରଣତଃ ପିଲାମାନଙ୍କର ମନ ଚପଳମତି। ସ୍କୁଲରେ ପଢ଼ିବା ସମୟରେ ସେମାନେ ସାଙ୍ଗସାଥୀ ପରିସର ବଢ଼ାଇବାକୁ ଚେଷ୍ଟା କରନ୍ତି। ଏହା କିଛି ଖରାପ ଅଭ୍ୟାସ ନୁହେଁ। ହେଲେ ବେଳେବେଳେ ଏହାର ପରିସର ଏତେ ବିଶାଳ ହୋଇଯାଏ ଯେ ସେଥିପାଇଁ ଟାଇମ୍ ଦେଲା ବେଳକୁ ଏପଟେ ପାଠପଢ଼ା ପ୍ରଭାବିତ ହୋଇଥାଏ। ତେଣୁ ପାଠ ପଢ଼ା ସମୟରେ ନିଜର ସାଙ୍ଗସାଥୀ ପରିସର ଯେତେ ସୀମିତ ରଖିବେ ସେତେ ଭଲ। ସବୁବେଳେ ଭଲ ପିଲାଙ୍କ ସହ ସାଙ୍ଗ ହୁଅନ୍ତୁ। କେତେକ ପିଲା ଖରାପ କଥା ଶିଖାଇବାକୁ ଚେଷ୍ଟା କରନ୍ତି। ସେଭଳି ପିଲାଙ୍କଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ।



## ଭଲ-ମନ୍ଦ ବିଚାର


ପିଲାମାନଙ୍କର ବୟସ ବଢ଼ିବା ସହ ଭଲ-ମନ୍ଦ ବିଷୟରେ ବିଚାର କରିବାର ସାମର୍ଥ୍ୟ ମଧ୍ୟ ଆସିଥାଏ। ସେମାନେ ବୁଦ୍ଧି ଖଟାଇ ଏସବୁ ବିଷୟରେ ଜାଣିପାରନ୍ତି। କିନ୍ତୁ କେତେକ ଖରାପ କଥା ଜୀବନକୁ ପ୍ରଭାବିତ କରିବ ଜାଣି ମଧ୍ୟ ତାହାକୁ ଆପଣେଇ ନିଅନ୍ତି। ଶେଷରେ ଏହାର ଫଳ ମଧ୍ୟ ନିଜକୁ ଭୋଗିବାକୁ ପଡ଼ିଥାଏ। ତେଣୁ ସବୁବେଳେ ଭଲ କ'ଣ ମନ୍ଦ କ'ଣ ପ୍ରଥମେ ଚିନ୍ତା କରନ୍ତୁ। କୌଣସି କଥାକୁ ହଠାତ୍ ଗ୍ରହଣ କରି ତାହାକୁ ଉପଯୋଗ କରନ୍ତୁ ନାହିଁ।

## ରୋଲ୍ ମଡେଲ

ଜଣେ ଛାତ୍ର ହେଉ କି ଛାତ୍ରୀ-ସେମାନଙ୍କର ରୋଲ୍ ମଡେଲଟିଏ ରହିଲେ ତାହା ସେମାନଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। କାରଣ ରୋଲ୍ ମଡେଲ ସବୁବେଳେ ଭଲ ବାଟରେ ଯିବାକୁ ବାଟ କଢ଼ାଇ ନେଇଥାଏ। ତେଣୁ ଏଭଳି ଜଣକୁ ରୋଲ୍ ମଡେଲ ବନାନ୍ତୁ, ଯିଏ ସବୁବେଳେ ଅନୁପ୍ରାଣିତ କରୁଥିବ। ତାଙ୍କଠାରୁ ସବୁବେଳେ ଭଲ ଗୁଣ ଶିଖନ୍ତୁ।

## ବଦଳାନ୍ତୁ ନିଜକୁ

କେତେକ ପିଲା ନିଜକୁ ଏକ ପରିସରରେ ସୀମିତ ରଖିବାକୁ ଚାହିଁଥାଆନ୍ତି। ପାଠପଢ଼ା ବ୍ୟତୀତ ନିଜର ଅନ୍ତର୍ନିହିତ ପ୍ରତିଭା କିପରି ବିକାଶ ହେବ ସେ ନେଇ ଚେଷ୍ଟା କରନ୍ତୁ। କାରଣ ଆଜିକାଲି ଅନେକ ପିଲା ନିଜକୁ ପାଠପଢ଼ାରେ ସୀମାବଦ୍ଧ କରି ରଖୁନାହାନ୍ତି। ଖେଳକୁଦ, ଗୀତ ଗାଇବା, ଅଭିନୟ ଆଦି କ୍ଷେତ୍ରରେ ପିଲାମାନେ କେବଳ ରାଜ୍ୟ ନୁହେଁ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି। ତେଣୁ ସବୁବେଳେ ନିଜର ଏଭଳି ଏକ ପରିଚୟ ସୃଷ୍ଟି କରନ୍ତୁ, ଯାହା ତୁମକୁ ପ୍ରଶଂସା ସାଉଁଟିବାରେ ସାହାଯ୍ୟ କରିବ।



୧




୨



୩




୪



୫




୬



୭



୮



୯


୧



**ସଂଜୁ ସିଂ**
କ୍ଲାସ- ୪, କାହ୍ନୁପୁର ପ୍ରାଥମିକ ବିଦ୍ୟାଳୟ, ମୟୁରଭଞ୍ଜ

୨

**ଅରିନ୍ଦମ୍ ପଣ୍ଡା**
କ୍ଲାସ-୯, ଡୁନ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ, ସିଜୁଆ, ଭୁବନେଶ୍ୱର



୩



**ଆୟାଂଶ ଶାହ**
କ୍ଲାସ- ୪, ଲୟୋଲା ସ୍କୁଲ, ଭୁବନେଶ୍ୱର

୪

**ଆକୃତି ଦାଶ**
କ୍ଲାସ- ୧୦, ହୋଲି ଫାମିଲି ଇଂଲିଶ୍ ମିଡିୟମ୍ ସ୍କୁଲ, ନୟାଗଡ଼



୫



**ଅଙ୍କିତା ପ୍ରଧାନ**
କ୍ଲାସ- ୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କବିସୂର୍ଯ୍ୟନଗର, ଗଞ୍ଜାମ

୬

**ଖଗପତି ଶବର**
କ୍ଲାସ- ୫, ସରକାରୀ ଉ. ପ୍ରା. ବିଦ୍ୟାଳୟ, ଶୁକ୍ଳିମୁଣ୍ଡି, ନୂଆପଡ଼ା



୭



**ରିୟାନ୍ସ ପଣ୍ଡା**
କ୍ଲାସ-୪, ନ୍ୟୁ ହରାଇଜନ୍ ଗୁରୁକୁଳ, ବାଙ୍ଗାଲୋର

୮

**ମହାଶ୍ୱେତା ସାହୁ**
କ୍ଲାସ-୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦଶମାଇଲ୍, ବରଗଡ଼



୯



**ସାଇ ଶିବେଶ ବେହେରା**
କ୍ଲାସ- ୫, କାର୍ମେଲ ସ୍କୁଲ, ରାଉରକେଲା

# କବିତା

## ଶୈଶବ

ଶୈଶବର ମନ ହୁଏ ଛନଛନ
ବୁଲିଯିବ କାନନ ଉଦ୍ୟାନ,
ସାଙ୍ଗ ମେଳିକୁ ଯିବା ପାଇଁ ସେ ତ
ଝରକାକୁ ଚାହୁଁଥାଏ ଅନବରତ,
ଗାଁ ଦାଣ୍ଡର ପାଣି ପାହାଡ଼ ଖେଳ
ଗାଁ ପାଖ ନଦୀଜଳ କଳକଳ,
ମନକୁ ଏଇ ଟାଣି ନେଉଅଛି
ଲାଗେ ନଦୀମାଛ ଯେମିତି ଡାକୁଛି,
ନଦୀକୂଳର ଶୀତୁଆ ପବନ ଖାଇ
ସାଥେ ଆମେ କଥା ହେଉ କୁହାକୁହି
କଥା ନ ମାନିଲେ ବାଜେ ବେତ
ଏକ ଦୁଇ ନ ହେଲେ ଛଅ ସାତ
ବେତ ସାଙ୍ଗରେ ଭାରି ବେଶି କଥା
ବାଜିଗଲେ ଥରୁଟିଏ ନ ବାହାରେ କଥା ।

**– ପୀୟୂଷ ଖୁଣ୍ଟିଆ**
ବାଣପୁର, ଖୋର୍ଦ୍ଧା

## ସରଗପୁର

ସତେ କ'ଣ ଅଛି ସରଗପୁର
ବାଳୁତମନ ମୋ ହୁଏ ଅଧୀର
ବଡ଼ହେଲେ ତାହା ପଢ଼ି ଜାଣିବି
ବୈଜ୍ଞାନିକଟେ ମୁହିଁ ହୋଇବି ।
ମହାକାଶେ ଯାଇ କେତେ ଯେ ଯାନ
କଲେଣି କେତେ ସେ ଉଦ୍‌ଭାବନ
କହନ୍ତି ବିଜ୍ଞାନୀ ସରଗପୁର
ମନଗଢ଼ା କଥା ମଣିଷଙ୍କର ।
ଶୂନ୍ୟମଣ୍ଡଳ ଆକାଶ ଦେହ
ଗ୍ରହ, ଉପଗ୍ରହେ ଯେତେ ବି ଯାଅ
ବୈଜ୍ଞାନିକଙ୍କ ପ୍ରେରିତ ଯାନ
ଚନ୍ଦ୍ରରେ କରି ଅବତରଣ
ଯେବେ ବୈଜ୍ଞାନିକ ମୁହିଁ ହୋଇବି
ଆକାଶର କଥା ସବୁ କହିବି ।

**– ଅଧ୍ୟାପକ ବିଷ୍ଣୁମୋହନ**
ମୋ: ୭୨୦୫୭୫୮୨୫୫

## ଧୋ'ରେ ବାଇଆ

ଧୋ'ରେ ବାଇଆ ଧୋ
ତୋ ଲାଗି ରଖିଛି ନରମ ବିଛଣା
ସେଇ ବିଛଣାରେ ଶୋ' ।
ଅସନା କରନି ଜିନିଷ ପତର
ଠିକଣା ଜାଗାରେ ଥୋ' ।
ଆଜି ପାଠ ତୋର ଆଜି ସାରି ଦେଇ
ଖୁସି ମନରେ ତୁ ଶୋ' ।
ଖାଇବା ଆଗରୁ ଗୋଡ଼, ହାତ, ମୁହଁ
ଭଲ କରି ଟିକେ ଧୋ' ।
ତୋ'ଲାଗି ରଖିଛି କ୍ଷୀର ସର ଯେତେ
ବେଗି ବେଗି ଖାଇ ଶୋ' ।

**– ଶିବ ପ୍ରସାଦ ଚାନ୍ଦ**
ପୁରୁଣିଆଁ, କେନ୍ଦୁଝର

## ଶକ୍ତି ପ୍ରଦାୟକ ସକାଳ

ସକାଳ କିରଣ ଦେହକୁ ହିତ,
ଉଠ ଉଠ ବାବୁ ନ କର ମଠ ।
ଭିଟାମିନ ଡି' ମିଳେ ତ ମାଗଣା,
ନେବାରେ ତାହାକୁ ନ କରି ଊଣା ।
ଶୀଘ୍ର ନିତ୍ୟକର୍ମ କରିଣ ଶେଷ,
ସୂର୍ଯ୍ୟ ନମସ୍କାର କରିବା ଆସ ।
ଧ୍ୟାନ,ପ୍ରାଣାୟମ,ଆସନ ହେବ,
ରୋଗ,ବଇରାଗ ଦୂରେ ରହିବ ।
ନେବ ଗଜାମୁଗ, ବାଦାମ, ସୋଲା,
ଦେହେ ପିନ୍ଧିଥିବ ପୋଷାକ ଢିଲା ।
ସକଳ ଶକ୍ତିର ଆଧାର ରବି,
ଉର୍ଜାବାନ ହେବା ସେ କଥା ଭାବି ।

**– ଡ. ସନ୍ତୋଷ କୁମାର ପଣ୍ଡା**
ଗତିରାଉତପାଟଣା, କଟକ
ମୋ: ୮୨୪୯୦୨୧୪୨୪



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ପାରାଶୁଟ୍ ଜମ୍ପ

ବୟସ ବଢ଼ିଲେ ଦୁଃସାହସିକ କାମ କରିବା ପାଇଁ ପ୍ରାୟତଃ ସମସ୍ତଙ୍କୁ ଭୟ ଲାଗେ । କିନ୍ତୁ କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ବୟସକୁ ଖାତିର ନ କରି ସବୁକିଛି କରିବା ପାଇଁ ପ୍ରସ୍ତୁତ ହୋଇଯାନ୍ତି । ଠିକ୍ ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଆମେରିକାର ଆଲ୍‌ଫ୍ରେଡ୍ ଅଲ୍ ବ୍ଲାସ୍କ । ୧୦୩ ବର୍ଷ ବୟସରେ ସେ ପାରାଶୁଟ୍ ଜମ୍ପ କରି ଗିନିଜ୍ ରେକର୍ଡ କରିଛନ୍ତି । ବ୍ଲାସ୍କ ତାଙ୍କ ଜନ୍ମଦିନରେ କିଛି ଭିନ୍ନ କାମ କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଥିଲେ । ଏଥିପାଇଁ ସେ ପାରାଶୁଟ୍ ଜମ୍ପ କରିବା ପାଇଁ ପ୍ରସ୍ତୁତ ହେଲେ । ଏତେ ବୟସରେ ତାଙ୍କର ଏହି ଇଚ୍ଛାକୁ ପ୍ରଥମେ ସହଜରେ କେହି ବିଶ୍ୱାସ କରିପାରି ନ ଥିଲେ । ହେଲେ ସେ ଏହାକୁ କରି ଦେଖାଇଥିଲେ । ପାରାଶୁଟ୍‌ରୁ ସେ ୧୪ହଜାର ଫୁଟ୍‌ରୁ ତଳକୁ ଜମ୍ପ କରିଥିଲେ । ଘଣ୍ଟା ପ୍ରତି ୧୨୦ ମାଇଲ୍ ବେଗରେ ସେ ତଳକୁ ଖସୁଥିଲେ ବି ଆଦୌ ଭୟଭୀତ ହୋଇ ନ ଥିଲେ । ଅବଶ୍ୟ ସେ ଏଥିପାଇଁ ତାଙ୍କ ତାଲିମ ପ୍ରଦାନକାରୀଙ୍କ ସହାୟତା ନେଇଥିଲେ । ପୂର୍ବରୁ ବ୍ଲାସ୍କ ତାଙ୍କ ୧୦୦ତମ ଜନ୍ମଦିନରେ ମଧ୍ୟ ପାରାଶୁଟ୍‌ରେ ଉଡ଼ିଥିଲେ ଏବଂ ପୁଣି ଥରେ ଏହି କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ସେ ତାଙ୍କ ପ୍ରତିଶ୍ରୁତି ପୂରଣ କରିବା ସହିତ ଗିନିଜ୍ ରେକର୍ଡ ବି କରିପାରିଥିଲେ ଯାହା ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହୋଇପାରିଛି ।



## ଏଥରର

- ପୃଥିବୀର ସବୁଠୁ ଥଣ୍ଡା ସ୍ଥାନ ?
- କେଉଁ ରଙ୍ଗ ଶାନ୍ତିର ପ୍ରତୀକ ?
- ପ୍ରଥମ ବିଶ୍ୱଯୁଦ୍ଧ କେଉଁ ମସିହାରେ ହୋଇଥିଲା ?
- 'ଗଡ୍ ଅଫ୍ ସ୍ମଲ୍ ଥିଙ୍ଗ୍‌ସ' ପୁସ୍ତକର ରଚୟିତା କିଏ ?
- ଟ୍ରେନ୍‌ର ଡ୍ରାଇଭରଙ୍କୁ କ'ଣ କୁହାଯାଏ ?

## ଗତଥରର ଉତ୍ତର

- ନଖ ଓ କେଶ
- ଭାଲେଣ୍ଟିନା ଟେରେସ୍କୋଭା
- ଚାର୍ଲସ ବାବେଜ
- ହଳଦିଆ
- ଜୁନ୍ ୫

## କହିଲ ଦେଖି

ଆସିଯାଏ ଯେବେ ଭାଦ୍ରବମାସ
କୁଆଁରୀ ମନରେ ଭରଇ ହସ
ସାଙ୍ଗସାଥୀ ଯେତେ ହୁଅନ୍ତି ମେଳି
ସାଥୀ ହୋଇ ଯାନ୍ତି ସେ ଫୁଲତୋଳି
ଭାଇମାନଙ୍କର ଶୁଭ ମନାସୀ
ରବିବାରରେ ଓଷା କରନ୍ତି
ଓଷାଟିର ନାମ କହିବ ଯିଏ
ସୁନାପିଲା ନିଶ୍ଚେ ହୋଇବ ସିଏ ।

ଉ- **ଖୁଦୁରୁକୁଣୀ**



ଛେଳି ଚରାଉଥିଲା ସେ ବଣକୁ ଯାଇ
ବଣିଜକୁ ଯେବେ ଗଲେ ତା' ସାତଭାଇ
ଘରେ ରହିଥିଲେ ତା'ର ସାତ ଭାଉଜ
ଦେଉଥିଲେ ତାକୁ କେତେ ଦୁଃଖ ଦରଜ
ସାନ ଭାଉଜର ଥିଲା ସେ ଅତି ପ୍ରିୟ
ନାମଟି ତାହାର କିଏ କହିବ କୁହ ?

ଉ- **ତଅପୋଇ**



ଶ୍ରାବଣଟି ଯେବେ କରେ ଗମନ
ଧରାକୁ ହୁଅଇ ତା' ଆଗମନ
ଶ୍ରୀକୃଷ୍ଣଙ୍କ ଜନ୍ମ ଏହି ମାସରେ
ଖୁଦୁରୁକୁଣୀ ଓଷା ଓଡ଼ିଆଘରେ
ମାସଟିର ନାମ ଯିଏ ପାରିବ କହି
ସୁନାପିଲା ନିଶ୍ଚେ ହୋଇବ ସେହି ?

ଉ- **ଭାଦ୍ରବମାସ**



ଚାରୋଟି ଅକ୍ଷରେ ନାମ ମୋହର
ଛେଳିଟିଏ ମୁହିଁ ଭାରି ସୁନ୍ଦର
ପ୍ରଥମ ଦୁଇଟି ରହିବା ସ୍ଥାନ
ଶେଷ ଦୁଇଟି ଯେ ରତ୍ନର ନାମ
ପ୍ରଥମ ଦ୍ୱିତୀୟ ଶେଷ ମିଶିଲେ
ପତ୍ନୀ ଅନ୍ୟ ନାମ ହୋଇବ ଭଲେ
ଶେଷ ତିନୋଟି ଯଦି ମିଶିବ
ସୁନ୍ଦରୀର ଅନ୍ୟ ନାମ ହୋଇବ
ତଅପୋଇର ଥିଲି ମୁଁ ଅତି ପ୍ରିୟ
ନାମଟି ମୋର କିଏ କହିବ କୁହ ?

ଉ- **ଘରମଣି**



**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫





# କିଏ ବଡ଼

**ନିକୁଞ୍ଜ ବିହାରୀ ସାହୁ**

ଥରେ କିଏ ବଡ଼ ବୋଲି କଳି ଲାଗିଲା ତିନି ପାରମ୍ପରିକ ଶକ୍ତିଉତ୍ସ କୋଇଲା, ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପଙ୍କ ମଧ୍ୟରେ । କଳି ନ ତୁଟିବାରୁ ତିନିହେଁ ଏକ ତ୍ରିକାଳଦର୍ଶୀ ପେଚା ପାଖକୁ ଗଲେ । ପେଚା ସବୁ ଶୁଣି କହିଲା , 'ମୁଁ ତମ କାହାରିକି ଜାଣିନି । ତମେ ଆଗ ନିଜ ନିଜ ବିଷୟରେ କୁହ । ସବୁ ଶୁଣିଲା ପରେ ମୁଁ ମୋର ମତାମତ ଦେବି ।'

ସେଇଠୁଁ ପ୍ରଥମେ କୋଇଲା ଆରମ୍ଭ କଲା , 'ମୁଁ କୋଇଲା । ମାଟି ତଳେ ମୋର ଘର । ପ୍ରାୟ ୨୫ କୋଟି ବର୍ଷ ପୂର୍ବେ ପୃଥିବୀର ବହୁ ଜାଗାରେ ସନ୍ତସନ୍ତିଆ ଜଙ୍ଗଲ ଥିଲା । ଜଙ୍ଗଲର ଗଛସବୁ କ୍ରମେ ସ୍ତରସ୍ତର ହୋଇ ମାଟିରେ ପୋତି ହୋଇ ପଡିଲେ । ପୃଥିବୀ ଅଭ୍ୟନ୍ତରର ପ୍ରଚଣ୍ଡ ତାପ ଓ ଚାପରେ ସନ୍ତୁଳି ହୋଇ ଏହି ସ୍ତରସବୁରେ ମୁଁ ଘଟଣାକ୍ରମେ ଜନ୍ମ ନେଲି । ମୋର ମୁଖ୍ୟ ଉପାଦାନ ହେଲା କାର୍ବନ୍ । କାର୍ବନ୍‌ର ପରିମାଣ ଅନୁସାରେ ମୁଁ ସମୁଦାୟ ଚାରି ପ୍ରକାରର ଯଥା, ପିଟ୍, ଲିଗନାଇଟ୍, ବିଟୁମିନସ୍ ଓ ଆନ୍ଥ୍ରାସାଇଟ୍ । ମୋତେ ଲୋକେ ରୋଷେଇ କାର୍ଯ୍ୟରେ ଜାଳେଣି ରୂପେ ବ୍ୟବହାର କରନ୍ତି । ପୂର୍ବେ ରେଳଗାଡିର ବାଷ୍ପୀୟ ଇଞ୍ଜିନରେ ମୋତେ ବ୍ୟବହାର କରାଯାଉଥିଲା । ମୋତେ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରେ ଦହନ କରି ପାଣିକୁ ବାଷ୍ପ କରାଯାଏ ଓ ସେଥିରେ ଟରବାଇନ୍ ଘୂରାଇ ବିଦ୍ୟୁତ୍ ଉତ୍ପାଦନ କରାଯାଏ । ମୁଁ ମଧ୍ୟ କୋକ୍ ରୂପରେ ଲୁହାପଥରରୁ ଲୁହା ନିଷ୍କାସନ କରିବାରେ ସାହାଯ୍ୟ କରିଥାଏ । ମୋର ଏହିସବୁ ମହନୀୟ ଗୁଣ ପାଇଁ ଲୋକେ ମୋତେ କଳା ହୀରା ବୋଲି କହିଥାନ୍ତି । ତେଣୁ ମୁଁ ବଡ଼ ।'

ଏ କଥା ଶୁଣି ପେଚା କହିଲା, 'କୋଇଲା କଥା ତ ମୁଁ ଶୁଣିଲି ପେଟ୍ରୋଲିୟମ୍, ତୁମେ ଏଥର କ ତୁମ କଥା କୁହ ।'

ସେଇଠୁ ପେଟ୍ରୋଲିୟମ୍ ଆରମ୍ଭ କଲା, 'ମୁଁ ପେଟ୍ରୋଲିୟମ୍ । ମୁଁ ଏକ କଳା ରଙ୍ଗର ଅଠାଳିଆ ତୈଳ । ବିଭିନ୍ନ ହାଇଡ୍ରୋକାର୍ବନରେ ମୁଁ ଗଢ଼ା । ଲକ୍ଷ ଲକ୍ଷ ବର୍ଷ ପୂର୍ବେ ସମୁଦ୍ରଗର୍ଭରେ ବାସ କରୁଥିବା ଅଣୁଜୀବମାନେ କାଦୁଅରେ ସ୍ତରସ୍ତର ହୋଇ ପୋତି



ହୋଇ ପଡ଼ିଥିଲେ ଏବଂ ସମୟକ୍ରମେ ସେମାନଙ୍କ ଦେହାବଶେଷରୁ ମୁଁ ସେହି ସ୍ତରୀୟ ଅନ୍ତୁଡିଶାଳରୁ ଜନ୍ମ ନେଲି । ମାଟି ତଳେ ତୈଳକୂପ ମଧ୍ୟରେ ମୋର ଘର । ପାଇପ୍ ଯୋଗେ ମୋତେ ପମ୍ପ୍ ସାହାଯ୍ୟରେ ପଦାକୁ ଅଣାଯାଏ । ସେତେବେଳେ ମୁଁ ବଡ଼ ଅପରିଷ୍କାର ଅବସ୍ଥାରେ ଥାଏ । ମୋତେ ବିଶୋଧନାଗାରକୁ ନେଇ ପରିଷ୍କାର କରାଯାଏ ଓ ଆଂଶିକ ପାତନ ପଦ୍ଧତି ଜରିଆରେ ମୋ ଦେହରୁ ବିଭିନ୍ନ ଦରକାରୀ ଉପାଦାନ ଯଥା ପେଟ୍ରୋଲ୍, ଡିଜେଲ୍ , କିରୋସିନ୍, ଗ୍ରିସ୍, ମହମ, ଆଲକାତରା, ପିଚୁ ଇତ୍ୟାଦି ପଦାର୍ଥ ଆହରଣ କରାଯାଏ । ମୋ ବିନା ମଣିଷ ଦଣ୍ଡେ ମାତ୍ର ଚଳି ପାରିବ ନାହିଁ । ଆଜିର କୃଷି , ଶିଳ୍ପ, ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା ସବୁ ମୋ ଉପରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ନିର୍ଭରଶୀଳ । ମୋର ଏହିସବୁ ଉପକାରୀ ଗୁଣ ପାଇଁ ଲୋକେ ମୋତେ 'ତରଳ ସୁନା' ବୋଲି କହନ୍ତି । ହେଲେ ଭାବୁଛି ସୁନାଠାରୁ ମଧ୍ୟ ମୁଁ ଅଧିକ ମୂଲ୍ୟବାନ । ତେଣୁ ମୁଁ ପ୍ରକୃତରେ ବଡ଼ ।'

ଦି' ଜଣଙ୍କ କଥା ଶୁଣିଲା ପରେ ପେଚା ପ୍ରାକୃତିକ ବାଷ୍ପକୁ ତା' କଥା ଶୁଣେଇବାକୁ କହିଲା । ପ୍ରାକୃତିକ ବାଷ୍ପ ମଧ୍ୟ ନିଜ କାହାଣୀ ଆରମ୍ଭ କଲା, 'ମୁଁ ପ୍ରାକୃତିକ ବାଷ୍ପ । ଆଗ କାଳରେ ସିନା ଲୋକେ ଜାଳେଣି ପାଇଁ କାଠ କିମ୍ବା କୋଇଲା ଉପରେ ନିର୍ଭର କରୁଥିଲେ, ମାତ୍ର ପୃଥିବୀ ଆଭ୍ୟନ୍ତରର ଶିଳାସ୍ତର ମଧ୍ୟରେ ମୋର ସନ୍ଧାନ ମିଳିଲା ପରେ ମୋର ଆଦର ବଢ଼ିଲା । ପେଟ୍ରୋଲିୟମ୍ ଭଳି ମୁଁ ମଧ୍ୟ ଦିନେ ସମୁଦ୍ର ଗର୍ଭରେ ଅଣୁଜୀବମାନଙ୍କ ଦେହାବଶେଷରୁ ଜନ୍ମ ନେଇଥିଲି । ମୋତେ ମୁଖ୍ୟତଃ ରୋଷେଇ କାର୍ଯ୍ୟରେ ଜାଳେଣି ରୂପେ ବ୍ୟବହାର କରାଯାଏ । ଶିଳ୍ପ କ୍ଷେତ୍ରରେ ମୋର ପ୍ରୟୋଗ ସୁଦୂରପ୍ରସାରୀ । ମୁଁ ଇଟା, ସିମେଣ୍ଟ, ଲୁହା ଆଦି ବିଭିନ୍ନ ଧାତୁ ଉତ୍ପାଦନରେ କଞ୍ଚାମାଲ ରୂପେ ବ୍ୟବହୃତ ହୋଇଥାଏ । ମୋ ଦେହରୁ ମଧ୍ୟ ଅନେକ ରାସାୟନିକ ଦ୍ରବ୍ୟ ଯଥା ରଙ୍ଗ, ବାର୍ଣ୍ଣିସ୍, ନାଇଲନ୍ ଭଳି କୃତ୍ରିମ ତନ୍ତୁ ଇତ୍ୟାଦି ପ୍ରସ୍ତୁତ ହୁଏ । ସୁତରାଂ ମଣିଷ ସମାଜକୁ ମୋର ଏହିସବୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ମୁଁ ବଡ଼ ।'

ଏହିପରି କୋଇଲା, ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପଙ୍କ କଥା ଶୁଣି ସାରିଲା ପରେ ପେଚା ହସିହସି କହିଲା, 'ତୁମେମାନେ ଯେ ନିଜ ନିଜ କ୍ଷେତ୍ରରେ ବଡ଼ ଏଥିରେ ସନ୍ଦେହ ନାହିଁ । ହେଲେ ଗୋଟିଏ କଥା ମନେରଖ : ପ୍ରକୃତିରେ ତୁମ ସମସ୍ତଙ୍କ ଭଣ୍ଡାର ସୀମିତ । ମଣିଷ ଯେଉଁ ମାତ୍ରାରେ ତୁମକୁ ଖର୍ଚ୍ଚ କରୁଛି, ମାତ୍ର ଚାଳିଶ ପଚାଶ ବର୍ଷ ମଧ୍ୟରେ ତମେସବୁ ସରିଯିବ ଓ ମରିଯିବ । ତେଣୁ ନିଜ ନିଜ ମଧ୍ୟରେ କଳି ନକରି ମିଳିମିଶି ରୁହ ।'

ପେଚା କଥାରେ ତିନି ଶକ୍ତି ଉତ୍ସଙ୍କ ମନରେ ଚେତା ପଶିଲା । ସେମାନେ ନିଜର ଭୁଲ ବୁଝି ପାରିଲେ ଓ ପରସ୍ପର ମଧ୍ୟରେ କଳି ନକରି ମିଳିମିଶି ରହିଲେ ।

**–ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ**



# ଆ ଇ ନା



ରିଖାନିୟା ବଡ଼ଜେନା
୫ବର୍ଷ, ଭୁବନେଶ୍ୱର



ଅନୁଷ୍କା ପ୍ରିୟଦର୍ଶିନୀ
୮ବର୍ଷ, କଟକ